# ସାହିତ୍ୟ ଏକାଡ଼େମୀ ପକ୍ଷରୁ 'ବହୁଭାଷୀ କବି ସମ୍ମିଳନୀ'

କଲିକାତା, ୨୧ । ୩ (ନି.ପ୍ର): ସାହିତ୍ୟ ଏକାଡ଼େମୀ ପକ୍ଷରୁ ଶୁକ୍ରବାର ବିଶ୍ୱ କବିତା ଦିବସ ପାଳନ ଅବସରରେ ବହୁଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି କବିତା ଆସରରେ ସାହିତ୍ୟ ଏକାଡ଼େମୀ ଆଞ୍ଚଳିକ କାର୍ଯ୍ୟାଳୟ କଲିକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଦୃଶ୍ୟସଞ୍ଚାରୀ କାର୍ଯ୍ୟକ୍ରମରେ ବିଭିନ୍ନ ଭାଷାର କବିମାନେ ଉପସ୍ଥିତ ରହି କବିତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ବିଶ୍ୱ କବିତା ଦିବସର ଗୁରୁତ୍ୱ ଏବଂ ଆଧୁନିକ କବିତାର ବିଭବ ସମ୍ପର୍କରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ୱରଚିତ କବିତା ପାଠ ଅହମିୟା ଭାଷାର କବି ବର୍ଣ୍ଣାଳି ବୋରୋ ଗୋହେଇ, ବଙ୍ଗଳା ଭାଷାର କବି ଅର୍ଣ୍ଣବ ସାହା, ବୋଡ଼ୋ ଭାଷାର କବି ରଶ୍ମି ଚୌଧୁରୀ, ମୈଥିଳୀ ଭାଷାର ନିବେଦିତା ଝା, ମଣିପୁରରେ ଦେବଦାସ ମାଇରେମ୍ ବାମ୍, ନେପାଳି ଭାଷାର ଲକ୍ଷ୍ମଣ ଅଧିକାରୀ, ଓଡ଼ିଆ କବି ଶଶିଭୂଷଣ ବିଶ୍ୱାଳ, ସାନ୍ତାଳୀ କବି ଭୁଜଙ୍ଗ ଟୁଡ୍ଡୁ କରିଥିଲେ । ନିମନ୍ତ୍ରିତ କବିମାନେ ମୂଳ ଭାଷା ସହିତ ହିନ୍ଦୀ, ଇଂରାଜୀ ଭାଷାରେ ତାର ଅନୁବାଦ ମଧ୍ୟ ଶୁଣାଇଥିଲେ । କବିତାଗୁଡ଼ିକରେ ବ୍ୟକ୍ତିଗତ ଅନୁଭବ ସହିତ ସମକାଳର ଚିତ୍ର ପ୍ରତିଫଳିତ ହୋଇଥିଲା । କେବଳ କବିତାରେ ଆଧୁନିକ ସମାଜର ବୈଚିତ୍ର ପରିସ୍ଫୁଟନ ହୋଇଥିଲା ବୋଲି ବକ୍ତାମାନେ ସୂଚାଇଥିଲେ । ଓଡ଼ିଆ କବି ଶଶି ଭୂଷଣ ବିଶ୍ୱାଳଙ୍କ କବିତା ବସନ୍ତ, ଚିତ୍ରିତ ସକାଳ, ନାଳ ନିର୍ବାଣର ଉଚ୍ଚ ପ୍ରଶଂସିତ ହୋଇଥିଲା ।

ସାହିତ୍ୟ ଏକାଡ଼େମୀ ଆଞ୍ଚଳିକ କାର୍ଯ୍ୟାଳୟ କଲିକାତାର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାୟକ କହିଥିଲେ ଯେ କବିତା ପ୍ରତିଟି ସମୟରେ ମୂଲ୍ୟବୋଧଭିତ୍ତିକ ହେବା ଉଚିତ୍ । ଏହି କବିତା ହିଁ ମଣିଷର କଥା ଓ ବ୍ୟଥାକୁ ସହଜରେ ପରିପ୍ରକାଶ କରିବା ସହିତ ସମାଧାନର ପଥ ଦେଖାଇଥାଏ । ତେଣୁ କବିମାନେ କବିତା ସୃଷ୍ଟି କରି ସମାଜରେ ସମତାର ବାତାବରଣ ପ୍ରବାହିତ କରିଥାଆନ୍ତି । ବର୍ତ୍ତମାନ ସମୟରେ କବିତାର ପ୍ରଚାର ଓ ପ୍ରସାର ଯେପରି ଆହୁରି କ୍ରମବର୍ଦ୍ଧମାନ ହୁଏ, ସେଥିପ୍ରତି ଗୁରୁତ୍ୱ ଦେବାକୁ ହେବ । ନିଜ ଭାଷାରେ କବିତା ସୃଷ୍ଟି କରାଯାଇ ଏହାକୁ ପ୍ରତ୍ୟେକ ସ୍ତରରେ ଯଦି ପହଞ୍ଚାଇ ଦିଆଯାଇପାରେ, ତେବେ ସମାଜରେ ସାମାଜିକ ଶିକ୍ଷା ବିଶେଷ ଭାବେ ପରିଦୃଶ୍ୟ ହେବ । ଶେଷରେ ସାହିତ୍ୟ ଏକାଡ଼େମୀ କଲିକାତା କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଅଭିଷେକ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।